ନିତିଦିନ NITIDIN



## ପଟ୍ଟା ବାଣ୍ଟିଲେ ତହସିଲଦାର

**ଟାଙ୍ଗୀ-ଚୌଦ୍ୱାର,୧୨।୧/ଏନ୍ଏନ୍ଏସ୍:** ଟାଙ୍ଗୀ-ଚୌଦ୍ୱାର ତହସିଲଦାର ଡ.ଅବିନାଶ ରାଉତ ଆମ ତହସିଲ ଯୋଜନାରେ ବିଭିନ୍ନ ପଞ୍ଚାୟତରେ ଲୋକମାନଙ୍କ ନିକଟକୁ ଯାଇ ପଟ୍ଟା ବଣ୍ଟନ କରିଥିବା ଜଣାପଡିଛି । ତହସିଲଦାର ଜଗନ୍ନାଥପୁରର ଅଲେଖ ଚନ୍ଦ୍ର କର, ଦୋଳ ଗୋବିନ୍ଦ ଭୂୟାଁ, ଜରିପଡାର ଧର୍ମାନନ୍ଦ ବେହେରା, ମାଳତୀ ମହାନ୍ତି, କଣିର ନିହାର ରଞ୍ଜନ ନାୟକଙ୍କୁ ପଟ୍ଟା ବାଣ୍ଟିଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ, ବରିଷ୍ଠ ଅଧିକାରୀ କରୁଣାକର ଖଟୁଆ, ଆରଆଇ ପ୍ରିୟବ୍ରତ ପ୍ରଧାନ ଉପସ୍ଥିତ ଥିଲେ ।

# କୁହୁଡ଼ି ଯୋଗୁ ଚିଲିକାରେ ଅଟକିଲା ଡଙ୍ଗା

**ବ୍ରହ୍ମଗିରି,୧୨।୧/ଏନ୍ଏନ୍ଏସ୍ :** ଶୁକ୍ରବାର ସକାଳେ କୁହୁଡିରେ ବାଟମଣା ହୋଇ ମଝି ଚିଲିକାରେ ଏକ ଯାତ୍ରୀବାହି ଡଙ୍ଗା ଅଟକି ରହିଥିଲା । ଡଙ୍ଗାରେ ଥିବା ୨୫ ଜଣ ଯାତ୍ରୀ ଥିଲେ । ମଝି ଚିଲିକାରେ ପ୍ରାୟ ୧ଘଣ୍ଟା ଅଟକି ରହିଥିଲା ଡ଼ଙ୍ଗା । ପରେ ଅନ୍ୟ ଡଙ୍ଗାଯାଇ ଯାତ୍ରୀମାନଙ୍କୁ ଉଦ୍ଧାର କରି କୂଳକୁ ନେଇଥିଲେ । ସୂଚନା ଅନୁସାରେ, ଶୁକ୍ରବାର ସକାଳ ୭ଟାରୁ ସାତପଡ଼ା ଘାଟରୁ ଜହ୍ନିକୁଦା ଘାଟକୁ ଏକ ଯାତ୍ରୀବାହି ଡଙ୍ଗା ୨୫ଯାତ୍ରୀ ନେଇ ବାହାରିଥିଲା । ସେମାନଙ୍କ ମଧ୍ୟରେ ୪ ଜଣ ମହିଳା, ୨ଜଣ ଶିଶୁ ଓ ଅନ୍ୟମାନେ ଥିଲେ । ଡଙ୍ଗା ଭିତରେ ୧୦ଟି ବାଇକ୍ ମଧ ରହିଥିଲା । ଡଙ୍ଗାଟି ଜହ୍ନିକୁଦା ଅଭିମୁଖେ ବାହାରିଥିଲା । ଯିବା ବାଟରେ ମଝି ଚିଲିକାରେ ହଠାତ୍ ଘନ କୁହୁଡି ମାଡି ଆସିଥିଲା । ଘନ କୁହୁଡି ଯୋଗୁ ଡଙ୍ଗା ଚାଳକ ବାଟ ଜାଣି ପାରି ନଥିଲେ । । ମଝି ଚିଲିକାରେ ଥିବା ଏକ କୁଦ ମଧରେ ଡଙ୍ଗାଟି ଅଟକି ରହିଥିଲା । କୁଦଟି କାଦୁଅ ଥିବାରୁ ଡଙ୍ଗା ସହି



ଯାତ୍ରୀ ଫସି ରହିଥିଲେ । ଉଦ୍ଧାର ପାଇଁ ଯାତ୍ରୀ ଚିତ୍କାର କରୁଥିଲେ ମଧ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଥିଲେ । ଚିତ୍କାର ଶୁଣି ଦୁଇଟି ଡଙ୍ଗା ଉଦ୍ଧାର କରିବାକୁ ଆସି କୁହୁଡି ଯୋଗୁ ସେ ମଧ କାଦୁଅ କୁଦରେ ଫସି ଯାଇଥିଲେ । ଦୀର୍ଘ ଏକ ଘଣ୍ଟାପରେ ଅନ୍ୟ ଡଙ୍ଗା ଆସି ଯାତ୍ରୀମାନଙ୍କୁ ଉଦ୍ଧାର କରି କୂଳକୁ ନେଇଥିଲା । ଡଙ୍ଗାରେ ଫସି ରହିଥିବା ଯାତ୍ରୀଙ୍କ କହିବା ଅନୁଯାୟୀ, ହଠାତ୍ ମଝି ଚିଲିକାରେ କୁହୁଡି ମାଡି ଆସିବାରୁ ଡଙ୍ଗା ଚାଳକ ବାଟ ବଣା ହୋଇ ଯାଇଥିଲେ । ଡଙ୍ଗାଟି ସ୍ପିଡ଼ରେ ଚାଲୁଥିବାରୁ ହଠାତ୍ କାଦୁଅ କୁଦରେ ଲାଗି ଯାଇଥିଲା । ଭଗବାନ ଆମକୁ ବଞ୍ଚାଇ ଦେଇଥିବା ଦୀପକ ନାୟକ, ସହଦେବ ସାହୁ ପ୍ରମୁଖ ଡଙ୍ଗାରେ ଥିବା ଯାତ୍ରୀ ପ୍ରକାଶ କରିଛନ୍ତି । ସାତପଡ଼ାରୁ ଜହ୍ନିକୁଦା ଦୀର୍ଘ ୫ କିଲୋମିଟର ଜଳପଥରେ ଯାତ୍ରୀ ପ୍ରତ୍ୟେକ ଦିନ ପାର ହେଉଥିବା ବେଳେ ଡଙ୍ଗା ଗୁଡ଼ିକରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନ ଥିବା ଜଣାପଡିଛି ।

## ନୟାହାଟ ଅଞ୍ଚଳରୁ ୨ଗାଇ ଚୋରି

**ନୟାହାଟ,୧୨।୧/ଏନ୍ଏନ୍ଏସ୍:** ରାତି ଅଧିଆ ଗାଇ ଚୋରୀ । ଗୋଟିଏ ପଟେ ଶୀତ ଲୋକଙ୍କୁ ଥରାଉଥିବା ବେଳେ ଏପଟେ ନାକରେ କନ୍ଦାଇଲେଣି ଚୋର । ଗୋଟିଏ ରାତିରେ ୨ଟି ଗାଇ ଚୋରି କରିଥିବା ଅଭିଯୋଗ ହୋଇଛି । ଶିଙ୍ଗପାନିଆଁ ଗ୍ରାମରେ ସନାତନ ବେହେରା ଗୁହାଳରୁ ଓ ପାଣିଛତ୍ର ହରିଜନ ସାହିର କବିର କାଣ୍ଡିଙ୍କ ଗାଇକୁ ଚୋରମାନେ ଧଳା ପିକ୍ଅପ୍ ଭ୍ୟାନ୍‌ରେ ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ପୁଲିସ ଘଟଣାର ଛାନ୍‌ବିନ୍ ଆରମ୍ଭ କରିଛି ।

## ଜଳିଗଲା ପାଳଗଦା, ଅଳ୍ପକେ ବର୍ତ୍ତିଲା ଗାଁ

**ଟାଙ୍ଗୀ-ଚୌଦ୍ୱାର, ୧୨।୧/ଏନ୍ଏନ୍ଏସ୍:** ମହିଷାଲଣ୍ଡା ପଞ୍ଚାୟତର ଆମ୍ବିଳିଝରି ଗ୍ରାମରେ ଅଗ୍ନିକାଣ୍ଡ ଘଟି ଧାନ ଓ ପାଳଗଦା ଜଳିଯାଇଥିବା ବେଳେ ଅଳ୍ପକେ ଗୃହପାଳିତ ପଶୁ ଓ ଘରଦ୍ୱାର ବର୍ତ୍ତିଯାଇଥିବା ଜଣାପଡିଛି । ରତ୍ନାକର ଦେହୁରୀଙ୍କ ଧାନ ଓ ପାଳଗଦାରେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା । ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରି ବିଫଳ ହେବା ପରେ ଚୌଦ୍ୱାର ଦମକଳ କେନ୍ଦ୍ରକୁ ଖବର ଦେଇଥିଲେ । ଦମକଳ ବାହିନୀ ଗ୍ରାମରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ।

## ଓଲଟପୁରରେ ରକ୍ତଦାନ ଶିବିର

**ଗୋବିନ୍ଦପୁର,୧୨।୧/ଏନ୍ଏନ୍ଏସ୍:** ସୁସ୍ମୃତ ସ୍ୱାସ୍ଥ୍ୟ ସହାୟତା କେନ୍ଦ୍ର ତରଫରୁ ଓଲଟପୁରସ୍ଥିତ ଆଶ୍ରମ ପରିସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି ଶିବିରରେ ମୋଟ ୩୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି । ଏଥି ନିମନ୍ତେ ଆୟୋଜିତ ଏକ ରକ୍ତଦାନ ସଚେତନତା ଆଲୋଚନା ଚକ୍ରରେ ଆମ୍ରି ହସ୍‌ପିଟାଲର ହୃଦରୋଗ ବିଶେଷଜ୍ଞ ଡାକ୍ତର ପ୍ରତାପ ଚନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ କଟକ ସେଣ୍ଟ୍ରାଲ ରେଡକ୍ରସ ରକ୍ତ ଭଣ୍ଡାର ଡାକ୍ତର ରୀତା ମଞ୍ଜୁଳା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନର ସଂପାଦକ ଉପେନ୍ଦ୍ର କଅଁର ସଭା ପରିଚାଳନା କରିଥିବା ବେଳେ ଶୁଦ୍ରନାରାୟଣ ସାମନ୍ତ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମକୁ ଲୋକନାଥ ବେହେରା, ପ୍ରତ୍ୟୁସ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ ।

## ବାଲୁଗାଁରେ ଚିଲିକା ବଣିକ ସଙ୍ଘ ଗଠିତ

**ବାଲୁଗାଁ, ୧୨।୧/ଏନ୍ଏନ୍ଏସ୍:** ବାଲୁଗାଁ ଅଞ୍ଚଳର ବ୍ୟବସାୟୀଙ୍କୁ ନେଇ ଚିଲିକା ବଣିକ ସଙ୍ଘ ଗଠିତ ହୋଇଯାଇଛି । ଉପସ୍ଥିତ ଶତାଧିକ ବ୍ୟବସାୟୀଙ୍କୁ ନେଇ ସର୍ବସମ୍ମତି କ୍ରମେ ସଭାପତି ଅଭିମନ୍ୟୁ ସ୍ୱାଇଁ, ଉପସଭାପତି ସଞ୍ଜୟ ସ୍ୱାଇଁ, ସଂପାଦକ ଭାବଗ୍ରାହୀ ପରିମାଣିକ, ସହ ସଂପାଦକ ଶେକ୍ ମଞ୍ଜୁର, କୋଷାଧ୍ୟକ୍ଷ ନରହରି ସାହୁ, ସହ କୋଷାଧ୍ୟକ୍ଷ ଅଶୋକ ପଣ୍ଡା, ଉପଦେଷ୍ଟା ତ୍ରିନାଥ ପରିଡ଼ା, କବିରାଜ ମୁଦୁଲି, ଦିଲ୍ଲିପ କୁମାର ରଣସିଂହ, ସୁକାନ୍ତ କୁମାର ବିଶୋଇ, ସ୍ୱଦେଶ ରଞ୍ଜନ ଚୌଧୁରୀ, ସରି ଫୁଦ୍ଦିନ୍ ଖାଁ ଓ ଆଇନ୍ ପରାମର୍ଶଦାତା ରାମଚନ୍ଦ୍ର ପଲାଇ ପ୍ରମୁଖ ମନୋନୀତ ହୋଇଛନ୍ତି । ସଂଘକୁ ସୁଦୃଢ଼ କରାଯିବା ସହିତ ସମାଜର ବିଭିନ୍ନ ଜନହିତକର କାର୍ଯ୍ୟ କରିବେ ବୋଲି ମତ ପ୍ରକାଶ କରିଥିଲେ ।

## ପୁଲକ ସାହିତ୍ୟର କବିତା ଆସର ପାଇଁ ପ୍ରସ୍ତୁତି

**ନିରାକାରପୁର,୧୨।୧/ଏନ୍ଏନ୍ଏସ୍:** ପାଇକ ବିଦ୍ରୋହର ୨୦୦ ବର୍ଷ ପୂର୍ତ୍ତି ଉପଲକ୍ଷେ ପୁଲକ ସାହିତ୍ୟ ସରଣୀର ପରବର୍ତ୍ତୀ ସଂଖ୍ୟା 'ପାଇକ ବିଦ୍ରୋହ ବିଶେଷାଙ୍କ' ପ୍ରକାଶ କରାଯିବ ବୋଲି ପୁଲକ ପରିବାର ପକ୍ଷରୁ ସୂଚନା ମିଳିଛି ।

ଆଗାମୀ ୧୪ ତାରିଖ ମକର ସଂକ୍ରାନ୍ତି ଅବସରରେ ଶ୍ରୀରାମଦୟା ପରିଷଦ ମାରୁତି ମଣ୍ଡପରେ ଏହି ସଂକ୍ରାନ୍ତରେ ପ୍ରସ୍ତୁତି ସଭା ଓ କବିତା ଆସର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି । ସାହିତ୍ୟପ୍ରେମୀ ଓ ପୁଲକ ପରିବାରର ସଦସ୍ୟଙ୍କୁ ଉକ୍ତ ଦିବସ ୩ ଘଟିକା ସମୟରେ ଉପସ୍ଥିତ ରହି ମତାମତ ଦେବା ପାଇଁ ଅନୁରୋଧ କରାଯାଇଛି ।

## କ୍ରୀଡ଼ା ମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା



**ନେମାଳ, ୧୨।୧/ଏନ୍ଏନ୍ଏସ୍:** ସାନ୍ତପୁର ପଞ୍ଚାୟତ ପକ୍ଷରୁ ରାଜ୍ୟ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ଚନ୍ଦ୍ରସାରଥି ବେହେରାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ସ୍ଥାନୀୟ ସରପଞ୍ଚ ବିଜୟ ଲକ୍ଷ୍ମୀ ମୁଦୁଲି ଓ ଯୁବନେତା ନୃସିଂହ ଚରଣ ମୁଦୁଲିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶହ ଶହ ସଂଖ୍ୟାରେ ପଞ୍ଚାୟତବାସୀ ନେମାଳ ସେତୁ ପାଖରେ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଅନ୍ୟମାନଙ୍କ ମଧରେ ପ୍ରାକ୍ତନ ଜିଲ୍ଲାପରିଷଦ ସଭ୍ୟ ଅଚ୍ୟୁତାନନ୍ଦ ଦାସ, ପ୍ରେମଜିତ୍ ସିଂ, ବବି ସିଂ, ସୁଧାଂଶୁ ଶେଖର ମହାନ୍ତି, ଦ୍ୱିଜବର ପଣ୍ଡା, ସରପଞ୍ଚ ଶଶୀକାନ୍ତ ମହାନ୍ତି, ପଞ୍ଚାୟତ ସଭାପତି ଭୁବନାନନ୍ଦ ଦଳାଇ, ଅଲେଖ ଚନ୍ଦ୍ର ଦଳାଇ, ପୂର୍ବତନ ସରପଞ୍ଚ ରବୀନ୍ଦ୍ର ପଣ୍ଡା, ସମିତି ସଭ୍ୟ ଅନ୍ନପୂର୍ଣ୍ଣା ମହାନ୍ତି, ୱାର୍ଡସଭ୍ୟ ଅମିତାଭ ମହାପାତ୍ର, ଟୁକୁନା ମହାପାତ୍ର, ଆଶିଷ ମହାନ୍ତି, ବିଶ୍ୱରଞ୍ଜନ ପୁହାଣଙ୍କ ସମେତ ବହୁ ମହିଳା ମାନେ ଯୋଗଦାନ କରିଥିଲେ ।

## ବାଲକାଟୀରେ ଟିକାକରଣ ଅଭିଯାନ

**ବାଲକାଟି,୧୨।୧/ଏନ୍ଏନ୍ଏସ୍:** ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ତରଫରୁ ବ୍ଲକସ୍ତରୀୟ ଟାସ୍କ ଫୋର୍ସ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ସ୍ୱାସ୍ଥ୍ୟାଧିକାରୀ ପ୍ରଦିପ୍ତ କୁମାର ସାହୁ ଓ ସନ୍ତୋଷ କୁମାର ସେଠୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସମେତ ସିଡିପିଓ ଝୁନୁବାଳା ସ୍ୱାଇଁ, ବିଡିଓ ଆରତୀ ସାହୁ, ଅତିରିକ୍ତ ଶିକ୍ଷାଧିକାରୀ ଏକାଦଶୀ ପାଇକରାୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ପିକକ୍ ବ୍ଲକ୍ ସଂଯୋଜିକା ଉପମା ମହାନ୍ତି ଯୋଗଦେଇଥିଲେ । ଏହି ବ୍ଲକରେ ଆଗାମୀ ୨୯ ତାରିଖରେ ହେବାକୁ ଥିବା ମିଳିମିଳା-ଜର୍ମାନ ମିଳିମିଳା (ଏମ୍.ଆର) ଟୀକାକରଣ ଅଭିଯାନ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଯଥା-ସ୍ୱାସ୍ଥ୍ୟକାନ୍ଥ ଲିଖନ, ମା'ମାନଙ୍କୁ ନେଇ ଏକ ସଭା, ଛାତ୍ରଛାତ୍ରୀଙ୍କୁ ନେଇ ଏକ ଶୋଭାଯାତ୍ରା, ଅଭିଭାବକ ଓ ଶିକ୍ଷକ ମାନଙ୍କୁ ନେଇ ଏକ ସଭା ଜରିଆରେ ଏମ୍.ଆର ଅଭିଯାନକୁ ଶତ ପ୍ରତିଶତ ସଫଳ କରିବାପାଇଁ ନିଷ୍ପତ୍ତି ନିଆଯାଇଛି ।

## ବାଟପୁରଣରେ କ୍ଷେତ୍ର ଦିବସ

**ଫୁଲନଖରା,୧୨।୧/ଏନ୍ଏନ୍ଏସ୍:** ବାଟପୁରଣ ଗ୍ରାମରେ କ୍ଷେତ୍ର ଦିବସ ଓ କୃଷକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବ୍ଲକ ସହକାରୀ କୃଷି ଅଧିକାରୀ ଗୌରହରି ବିଶ୍ୱାଳ, ସୁଜାତା ପଟ୍ଟନାୟକ, ଭାଗ୍ୟଶ୍ରୀ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଜାତୀୟ ଖାଦ୍ୟ ନିରାପତ୍ତା ମିଶନ ଆନୁକୂଲ୍ୟରେ ଚାଲିଥିବା କୃଷି ଭିତ୍ତିକ ଯୋଜନା ବିଶେଷ କରି ଧାଡ଼ିରୁଆ ଧାନ ଚାଷ ସମ୍ପର୍କରେ ଏଥିରେ ଆଲୋଚନା ହୋଇଥିଲା । ଏତଦ୍ ବ୍ୟତୀତ ଚାଷ କ୍ଷେତ୍ରରେ ଆଧୁନିକ ଯନ୍ତ୍ରପାତି ଓ ଜ୍ଞାନ କୌଶଳ ପ୍ରୟୋଗ ବାବଦରେ ଅଧିକାରୀମାନେ ଚାଷୀଙ୍କୁ ପ୍ରବର୍ତ୍ତାଇଥିଲେ । ଗ୍ରାମ୍ୟ କୃଷି କର୍ମଚାରୀ ଦେବବ୍ରତ ଦାସ, କ୍ଷୀରୋଦ କୁମାର ବିଷୋୟୀ, ଅଶୋକ କୁମାର ବେହେରା, ଦିଲୀପ କୁମାର ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବିରଞ୍ଚି ସୁନ୍ଦରାୟ, ଶରତ ରଥ, ଯଜ୍ଞେଶ୍ୱର ଶତପଥୀ, ଭରତ ସାହୁ, ବ୍ରଜବନ୍ଧୁ ସୁନ୍ଦରାୟ, ପୁର୍ଣ୍ଣାନନ୍ଦ ଦାସ, ଅଶୋକ ପଟ୍ଟନାୟକ, ଅନାଦି ଲେଙ୍କା, ଚିନ୍ତାମଣି ପଟ୍ଟନାୟକ, ଦେବେନ୍ଦ୍ର ଲେଙ୍କା, ରବୀନ୍ଦ୍ର କାଣ୍ଡି ପ୍ରମୁଖ ଚାଷୀ ଉପସ୍ଥିତ ଥିଲେ । ଏହି ଶିବିରରେ ସନ୍ତୋଳ, ବେତଖୋଲି, ବାଟପୁରଣ ଆଦି ଗ୍ରାମର ୫୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ ।

## ଫୁଲନଖରାରେ ଶୀତବସ୍ତ୍ର ବଣ୍ଟନ



**ଫୁଲନଖରା,୧୨।୧/ଏନ୍ଏନ୍ଏସ୍:** ବାରଙ୍ଗ ବ୍ଲକ ନଗରୀ ପଞ୍ଚାୟତ ଯୁବ ବିଜେଡ଼ି ପକ୍ଷରୁ ଶୀତବସ୍ତ୍ର ବଣ୍ଟନ ହୋଇଛି । ଗୋଲକ ଚନ୍ଦ୍ର ପାତ୍ର, ମନୋଜ କୁମାର ରଥ, ନିରଞ୍ଜନ ମହାନ୍ତି, ଶଶିଭୂଷଣ ଦାଶଙ୍କ ସହଯୋଗରେ ଏହି ବସ୍ତ୍ର ବିତରଣ କରାଯାଇଥିଲା । ସ୍ଥାନୀୟ ମହୀଧରପଡ଼ାରେ ବିଜୁ ସମ୍ମାନାର୍ଥେ ଆୟୋଜିତ ଏହି କାର୍ଯ୍ୟରେ ସମାଜର ଦୁର୍ବଳଶ୍ରେଣୀ ୪୦ଜଣ ବୃଦ୍ଧ ଓ ବୃଦ୍ଧାଙ୍କୁ କମ୍ବଳ ବିତରଣ କରାଯାଇଥିଲା । ସମିତି ସଭ୍ୟ ରଶ୍ମୀପ୍ରିୟା ରଥ, ନାଏବ ସରପଞ୍ଚ ରମେଶଚନ୍ଦ୍ର ମହାପାତ୍ର,ଲଳିତ କୁମାର ଦାଶ, ନୃସିଂହ ମହାନ୍ତି, ପ୍ରମୋଦ ପଟ୍ଟନାୟକ,ଧ୍ରୁବଚରଣ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## ଆଇନଜୀବୀଙ୍କ ସ୍ମୃତିଚାରଣ ସଭା

**ନିମାପଡ଼ା,୧୨।୧/ଏନ୍ଏନ୍ଏସ୍:** ବରିଷ୍ଠ ଆଇନଜୀବୀ ସ୍ୱର୍ଗତ ରାମଚନ୍ଦ୍ର ଷଡଙ୍ଗୀଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଅବସରରେ ନିମାପଡା ତହସିଲ କାର୍ଯ୍ୟାଳୟ ପରିସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି । ଆଇନଜୀବୀ ଦିଲ୍ଲୀପ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ନିମାପଡା ଓକିଲ ସଂଘର ପୂର୍ବତନ ସଭାପତି ଶୁଭେନ୍ଦୁ ରାଉତରାୟ,ନୋଟାରୀ ନବୀନ ସିଂଦେଓ,ପ୍ରଫୁଲ୍ଲ ମୁଦୁଲି,ଆଇନଜୀବୀ ପ୍ରସନ୍ନ ପଣ୍ଡା, ବ୍ରହ୍ମାନନ୍ଦ ରଥ, ଗଙ୍ଗାଧର ମିଶ୍ର, ଜୟଦେବ ମିଶ୍ର, ବରିଷ୍ଠ ମୋହରୀର ରାଜକିଶୋର ମହାନ୍ତି, ବଟକିଶୋର ମହାନ୍ତି, ବେଣୁଧର ସାହୁ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଷଡଙ୍ଗୀଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ ।

## ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଉପକରଣ ବଣ୍ଟନ

**ନିମାପଡ଼ା,୧୨।୧/ଏନ୍ଏନ୍ଏସ୍:** ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ସର୍ବଶିକ୍ଷା ଅଭିଯାନ ପକ୍ଷରୁ ମଣ୍ଡଳସ୍ତରୀୟ ଦିବ୍ୟାଙ୍ଗ ସହାୟତା ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଉତ୍ସବରେ ଅତିଥି ଭାବେ ସ୍ଥାନୀୟ ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧକ୍ଷ ସମୀର ରଞ୍ଜନ ଦାଶ, ବିଇଓ ଅନୀଲ କୁମାର ବିଶ୍ୱାଳ, ଏବିଇଓ ଚିତରଞ୍ଜନ ସ୍ୱାଇଁ, ଶାନ୍ତନୁ କୁମାର ପରିଡା, ନିରଞ୍ଜନ ମିଶ୍ର, ବିଆରପି କୋଡିନେଟର ପୁଷ୍ପାଞ୍ଜଳି ରଥ, ସ୍ୱାଗତିକା ମହାନ୍ତି, ପ୍ରମିଳା ସ୍ୱାଇଁ ପ୍ରମୁଖ ଯୋଗଦେଇ ବିଦ୍ୟାଙ୍ଗମାନେ ଆମ ସମାଜ ପାଇଁ ବୋଝ କି' ଅଲୋଡା ନୁହନ୍ତି , ସେମାନଙ୍କ ପାଇଁ ସହାୟତାର ହାତ ବଢାଇବା ଆମ ସମସ୍ତଙ୍କର ନୈତିକ କର୍ତ୍ତବ୍ୟ ବୋଲି ମତ ବ୍ୟକ୍ତ କରିଥିଲେ । ଉତ୍ସବରେ ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୫୦ ଜଣ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ଟ୍ରାଇ ସାଇକେଲ, ଶ୍ରବଣ ଯନ୍ତ୍ର ଆଦି ସହାୟତା ଉପକରଣ ଅତିଥି ବିଧାୟକ ଶ୍ରୀ ଦାଶ ବଣ୍ଟନ କରିଥିଲେ । ଏଥିରେ ସମସ୍ତ ସିଆରସିସି, ଶିକ୍ଷକ ଶିକ୍ଷୟିତ୍ରୀ ଓ ଅଭିଭାବକ ଉପସ୍ଥିତ ଥିଲେ ।

**AFFIDAVIT**

By an affidavit Notary, Bhubaneswar. I changed my name from **Sadiq Amin** to **Mohammed Sadiq Amin,** S/o- Mohd Abdul Hassan for all purposes.

## ପ୍ରଥମ ପୃଷ୍ଠାରୁ...

### ଇସ୍ରୋର ୩୧ ସ୍ୟାଟେଲାଇଟ୍ ଲଞ୍ଚ୍...

ଏଥିରେ ଭାରତର ମାଇକ୍ରୋ ସ୍ୟାଟେଲାଇଟ୍ ଓ ଗୋଟିଏ ନାନୋ ସ୍ୟାଟେଲାଇଟ୍ ସମେତ ୨୮ଟି ଛୋଟ ବିଦେଶୀ ସ୍ୟାଟେଲାଇଟ୍ ରହିଛି । ସତୀଶ ଧାବନ ସ୍ପେଶ୍ ସେଣ୍ଟରରୁ ପୂର୍ବାହ୍ନ ୯.୨୮ରେ ଏହା ଲଞ୍ଚ୍ କରାଯିବାର ୧୭ ମିନିଟ୍‌ପରେ ୭୧୦ କିଲୋଗ୍ରାମ ଓଜନର କାର୍ଟୋସ୍ୟାଟ୍-୨ ପୋଲାର୍ ସନ୍ ସିଙ୍କ୍ରୋନସ୍ କକ୍ଷପଥରେ ୫୧୦ କିଲୋମିଟର ଉଚ୍ଚତାରେ ସ୍ଥାପିତ ହୋଇଥିଲା । ୭ ମିନିଟ୍ ମଧ୍ୟରେ ଏହି ରକେଟ୍ ଅନ୍ୟ ସ୍ୟାଟେଲାଇଟ୍ ଗୁଡ଼ିକୁ କକ୍ଷ ପଥରେ ପହଞ୍ଚାଇଦେବାକୁ ସକ୍ଷମ ହୋଇଥିଲା । ଏହା ଏକ ଚମତ୍କାର ମିଶନ୍ ବୋଲି ଇସ୍ରୋର ବିଦାୟୀ ଅଧ୍ୟକ୍ଷ ଏଏସ୍ କିରଣ କୁମାର କହିଛନ୍ତି । ଏହା ପିଏସ୍‌ସେଲ୍‌ଭିର ୪୦ତମ ସଫଳ ଉତ୍କ୍ଷେପଣ ବୋଲି ପ୍ରକଳ୍ପ ନିର୍ଦ୍ଦେଶକ ଆର ହୁଟ୍ଟନ କହିଛନ୍ତି । ଏହି ସଫଳତା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟ୍ୱିଟ୍ ଯୋଗେ ଇସ୍ରୋକୁ ଅଭିନନ୍ଦନ ଜଣାଇଛନ୍ତି ।

### ୪ ସୁପ୍ରିମ୍‌କୋର୍ଟ...

ପ୍ରତି ବିପଦ ସୃଷ୍ଟି ହୋଇଛି । ପ୍ରସଙ୍ଗ ଗୁଡ଼ିକ କ'ଣ ବୋଲି ବିଚାରପତିମାନଙ୍କୁ ସାମ୍ବାଦିକ ସମ୍ମିଳନୀରେ ପ୍ରଶ୍ନ କରାଯିବାରୁ ଜଷ୍ଟିସ୍ ଚେଲମେଶ୍ୱର କହିଲେ, କେଉଁ ବେଞ୍ଚ୍‌ରେ କେଉଁ ମାମଲା ଫଇସଲା ହେବ ସେ ସମ୍ପର୍କରେ ପ୍ରଧାନ ବିଚାରପତି ନେଇଥିବା ନିଷ୍ପତ୍ତି ସମେତ ଅନେକ କିଛି ପ୍ରସଙ୍ଗ ରହିଛି । ସୋହରାବୁଦ୍ଦିନ୍ ଶେଖ୍ ଏନ୍‌କାଉଣ୍ଟର ମାମଲା ଶୁଣାଣି କରୁଥିବା ସ୍ୱତନ୍ତ୍ର ସିବିଆଇ ଜଜ୍ ଡିଏଚ୍ ଲୋୟାଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାକୁ ସୁପ୍ରିମ୍‌କୋର୍ଟ ଆଜି ବିଚାର ପାଇଁ ଗ୍ରହଣ କରିବା ପରିପ୍ରେକ୍ଷୀରେ ଏହି ୪ ଜଣ ବିଚାରପତିଙ୍କ ଅଭିଯୋଗ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହୁଏ । ଜଷ୍ଟିସ୍ ଚେଲମେଶ୍ୱର କହିଲେ, "ଆମର ନ୍ୟାୟାଳୟ ଓ ଦେଶପ୍ରତି ଦାୟିତ୍ୱ ଓ କର୍ତ୍ତବ୍ୟ ରହିଛି । ତେଣୁ ଏହାର ପ୍ରତିକାର କରିବା ପାଇଁ ଆମେ ପ୍ରଧାନବିଚାରପତିଙ୍କୁ ବୁଝାଇବାକୁ ଚେଷ୍ଟା କରି ଫେଲ୍ ମାରିଲୁ ।"

ସେ କହିଲେ, ଯେ କୌଣସି ଦେଶ ବିଶେଷକରି ଆମ ଦେଶ ଇତିହାସରେ ଏହାଏକ ବିରଳ ଘଟଣା । ନ୍ୟାୟାଳୟ ପାଇଁ ମଧ ଅଭୂତପୂର୍ବ ଘଟଣା । ଆମେ ଖୁସିରେ ନୁହେଁ, ବାଧହାଇ

ସାମ୍ବାଦିକ ସମ୍ମିଳନୀ ଡାକିଲୁ । ଗତ କିଛି ମାସ ଧରି ନ୍ୟାୟାଳୟରେ ଅନେକ କିଛି ଘଟିଯାଇଛି । ତାହା ସେତେ ସ୍ପୃହଣୀୟ ନଥିଲା । ଏହି ୪ ଜଣ ବିଚାରପତି ପ୍ରଧାନ ବିଚାରପତିଙ୍କୁ ଲେଖିଥିବା ୭ ପୃଷ୍ଠାର ଚିଠିର ନକଲ ମଧ ସାମ୍ବାଦିକ ସମ୍ମିଳନୀରେ ବାଣ୍ଟି ଥିଲେ । ସେମାନେ କହିଥିଲେ, "ଦେଶର ନ୍ୟାୟିକ ବ୍ୟବସ୍ଥାରେ ଏହା ମଧ ସ୍ପଷ୍ଟ ଯେ, ପ୍ରଧାନ ବିଚାରପତି ଅନ୍ୟ ବିଚାରପତିଙ୍କ ସହ ସମାନ । ସେ ବଡ଼ ନୁହନ୍ତି କି ସାନ ନୁହନ୍ତି ।"ସେମାନେ ନିଜର ଶୃଙ୍ଖଳା ସମ୍ପର୍କରେ ସଚେତନ ନାହାନ୍ତି କି ବୋଲି ସାମ୍ବାଦିକ ମାନେ ପ୍ରଶ୍ନ କରିବାରୁ ଜଷ୍ଟିସ୍ ଗୋଗୋଇ କହିଲେ, "କେହି ଶୃଙ୍ଖଳାର ଅବମାନନା କରିନାହାନ୍ତି । ଦେଶ ପାଇଁ ଆମେ ଆମର କର୍ତ୍ତବ୍ୟ କରୁଛୁ ଓ ଦେଶର ଋଣ ଶୁଝୁଛୁ ।" ଉଲ୍ଲେଖଯୋଗ୍ୟ ଯେ ଆସନ୍ତା ଅକ୍ଟୋବରରେ ଜଷ୍ଟିସ୍ ଦୀପକ ମିଶ୍ର ଅବସର ନେବା ପରେ ପ୍ରଧାନ ବିଚାରପତି ହେବା ପାଇଁ ଜଷ୍ଟିସ୍ ଗୋଗୋଇଙ୍କ ପାଳି ପଡ଼ିବ । ପ୍ରଧାନ ବିଚାରପତିଙ୍କୁ ବହିଷ୍କାର କରାଯିବାକୁ ସେମାନେ ଚାହୁଁଛନ୍ତି କି ବୋଲି ପ୍ରଶ୍ନ ହେବାରୁ ଜଷ୍ଟିସ୍ ଚେଲମେଶ୍ୱର କହିଛନ୍ତି, "ନିଷ୍ପତ୍ତି ଦେଶବାସୀଙ୍କ ଉପରେ ଛାଡ଼ି ଦିଆଯାଉ ।"

ସାମ୍ବାଦିକ ସମ୍ମିଳନୀ ସରିବା ପରେ ପ୍ରଧାନ ବିଚାରପତି ଦୀପକ୍ ମିଶ୍ର ଆଟର୍ଣ୍ଣି ଜେନେରାଲ କେକେ ଭେନୁଗୋପାଳଙ୍କୁ ଡାକି ଆଲୋଚନା କରିଥିବା କୋର୍ଟ ସୂତ୍ରରୁ ଜଣାପଡ଼ିଛି । ଏହି ବିବାଦୀୟ ପ୍ରସଙ୍ଗରେ ସରକାର ଦୂରେଇ ରହିବାକୁ ଚାହୁଁଛନ୍ତି । ସରକାରୀ ଉଚ୍ଚ ମହଲ ସୂତ୍ରରୁ ପ୍ରକାଶ ଯେ ଏହା ସୁପ୍ରିମ୍‌କୋର୍ଟର ଆଭ୍ୟନ୍ତରୀଣ ବ୍ୟାପାର ହୋଇଥିବାରୁ ସରକାର ଏଥିରେ ହସ୍ତକ୍ଷେପ କରିବାକୁ ଚାହୁଁନାହାନ୍ତି । ତେବେ ସର୍ବୋଚ୍ଚ ଅଦାଲତର ବିଚାରପତିମାନେ ଯେତେ ଶୀଘ୍ର ଏହି ବିବାଦର ସମାଧାନ କରିପାରିବେ ଦେଶ ପାଇଁ ସେତେ ମଙ୍ଗଳ ହେବ । ନଚେତ୍ ନ୍ୟାୟପାଳିକା ଉପରୁ ବିଶ୍ୱାସ ତୁଟିଯିବ ବୋଲି ସରକାର ମତଦେଉଥିବା ଏହି ସୂତ୍ରରୁ ଜଣାପଡ଼ିଛି । ଏହି ପରିପ୍ରେକ୍ଷୀରେ ରାଜନୀତିକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । କଂଗ୍ରେସ ନେତା ତଥା ବରିଷ୍ଠ ଆଡଭୋକେଟ ଅଶ୍ୱିନୀ କୁମାର 'ନ୍ୟାୟପାଳିକା ପାଇଁ ଏହା ଏକ ଦୁଃଖର ଦିନ' ବୋଲି କହିଛନ୍ତି ।

# ଯୁବ ଦିବସରେ ଗଣଦୌଡ଼

**ଟାଙ୍ଗୀ/ଚୌଦ୍ୱାର, ୧୨।୧/ଏନ୍ଏନ୍ଏସ୍:** ଚୌଦ୍ୱାରରେ ଯୁବଦିବସ ଅବସରରେ ସ୍ୱାମୀ ବିବେକାନନ୍ଦ ସୋସିଆଲ ଡେଭଲପ୍‌ମେଣ୍ଟ୍ ପକ୍ଷରୁ ଏକ ବିଶାଳ ଗଣଦୌଡ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ୫ମ ବାର୍ଷିକୋତ୍ସବ ଅବସରରେ ଆୟୋଜିତ ଏହି ଗଣଦୌଡ ଚୌଦ୍ୱାର ପୌରପାଳିକା ଅନ୍ତର୍ଗତ ୮ନମ୍ବର ୱାର୍ଡସ୍ଥିତ ଶିଶୁପାର୍କଠାରୁ ଆରମ୍ଭ ହୋଇ ଓଟିଏମ୍ ବଜାର, ଗାନ୍ଧୀଛକ, କଳିଙ୍ଗଛକ, ବିରାଟ ବଜାର, ଆଗ୍ରାହାଟ, ନୂଆଗାଁ, ଓଟିଏମ୍ କଲୋନୀ ଦେଇ ଗୋପବନ୍ଧୁ ଖେଳପଡିଆରେ ସମାପ୍ତ ହୋଇଥିଲା । ଏହି ଗଣଦୌଡକୁ ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଜୁନିଅର, ସିନିୟର ଏବଂ ବାଳିକା ଭଳି ୩ଟି ଭାଗରେ ବିଭକ୍ତ ଏହି



ଗଣଦୌଡରେ ପାଖାପାଖି ୫୦୦ରୁ ଅଧିକ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । ପ୍ରତି ବିଭାଗରୁ ୮ଜଣଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟଗୁଡିକର ପିଲାମାନଙ୍କୁ ନେଇ ଦିନ ତମାମ୍ ଚିତ୍ରାଙ୍କନ, ବକ୍ତୃତା ଓ ସାଧାରଣଜ୍ଞାନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଚୌଦ୍ୱାର ଥାନାର ଭାରପ୍ରାପ୍ତ ଅଧିକାରୀ ରଶ୍ମିରଞ୍ଜନ ମହାପାତ୍ର ଯୋଗଦେଇ ପିଲାମାନଙ୍କୁ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଏଥିରେ ଅନ୍ୟମାନଙ୍କ ମଧରେ ବିଶ୍ୱକଲ୍ୟାଣ ଦାସ, ସୁଧାଂଶୁ ଶେଖର ଦେଓ, କାଉନ୍‌ସିଲର ମନୋଜ ମହାନ୍ତି, ପ୍ରଦୀପ ପ୍ରଧାନ ଏବଂ ସୁଧୀର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସୁରେଶ ରାଉତରାୟ, ଭାସ୍କର ମହାପାତ୍ର, ମାନସ ଖୁଣ୍ଟିଆ, ଅଶ୍ୱିନୀ ଜେନା, ବିରଜାପ୍ରସାଦ ଦାସ, ଜ୍ଞାନେନ୍ଦ୍ର ପରିଡା, ମାନସ ପରିଡା ଏବଂ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ପରିଚାଳନା କରିଥିଲେ ।

## ଗୋପୀନାଥପୁର ମକର ମେଳା ପାଇଁ ପ୍ରସ୍ତୁତି

**ବାଙ୍କୀ,୧୨।୧/ଏନ୍ଏନ୍ଏସ୍:** ଗୋପୀନାଥପୁରସ୍ଥିତ ଶ୍ରୀସିଂହନାଥ ଦେବଙ୍କ ପୀଠରେ ମକରମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ବାଙ୍କୀ ଉପଜିଲ୍ଲାପାଳ ଅରୁଣ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବୈଦେଶ୍ୱର ଥାନା ସଭାଗୃହରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ଉପଜିଲ୍ଲାପାଳ ସ୍ୱାଗତ ଭାଷଣ ପ୍ରଦାନ କରି ଚଳିତ ବର୍ଷ ମକରମେଳା ପାଳନ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ଆସନ୍ତା ୧୪ ଓ ୧୫ ତାରିଖ ଦୁଇଦିନ ଧରି ଏହା ଅନୁଷ୍ଠିତ ହେବ । ଯାତ୍ରୀମାନଙ୍କୁ ସୁବିଧାରେ ନଦୀ ପାର କରାଯିବା ଓ ଯାନାବାହନ ରଖିବା ନିମନ୍ତେ ଆଲୋଚନା ହୋଇଥିଲା । ନଦୀ ଘାଟରେ ଅତି କମ୍‌ରେ ୨୫ଟି ଯନ୍ତ୍ରଚାଳିତ ଡଙ୍ଗା ବ୍ୟବହାର କରାଯିବା ପାଇଁ ସ୍ଥିର କରାଯାଇଛି । ଡଙ୍ଗାରେ ଯିବା ଆସିବା ପାଇଁ ଜଣେ ବୟସ୍କ ବ୍ୟକ୍ତି ପିଛା ୨୫ ଟଙ୍କା ରହିଥିବା ବେଳେ ୧୦ ବର୍ଷରୁ କମ୍ ପିଲାଙ୍କ ପାଇଁ କୌଣସି ଭଡ଼ା ପଡ଼ିବ ନାହିଁ । ସେହିପରି ସାଇକେଲ୍ ପିଛା ୧୦ ଟଙ୍କା ଓ ମୋଟର ସାଇକେଲ ପିଛା ୧୫ଟଙ୍କା ଓ ୪ଚକିଆ ଯାନପ୍ରତି ୨୦ଟଙ୍କା ଭଡ଼ା ପାଇଁ ନିଷ୍ପତ୍ତି କରାଯାଇଛି । ଘାଟର ଦାୟିତ୍ୱ ନେଇଥିବା ଶ୍ରୀଶ୍ରୀ ଗୋପୀନାଥ ଦେବ ୟୁଥ୍ କ୍ଲବ୍‌ର କର୍ମକର୍ତ୍ତାମାନେ ଯାତ୍ରୀମାନଙ୍କ ସୁରକ୍ଷା ନିମନ୍ତେ ଲାଇଫ୍‌ଗାର୍ଡ ଯୋଗାଇ ଦେବା ପାଇଁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ମକରମେଳା ଶାନ୍ତିଶୃଙ୍ଖଳାର ସହ ଅନୁଷ୍ଠିତ ହେବା ପାଇଁ ଆବଶ୍ୟକ ପୁଲିସ୍ ବ୍ୟବସ୍ଥା, ଡଙ୍ଗାରେ ଯାତ୍ରୀମାନଙ୍କୁ ଶାନ୍ତିଶୃଙ୍ଖଳା ସହ ନଦୀ ପାର୍ କରିବା ପାଇଁ ସ୍ଥାନୀୟ ଜନସାଧାରଣ ଓ ସ୍ୱେଚ୍ଛାସେବୀଙ୍କ ସହଯୋଗ ନେବା ପାଇଁ ବୈଦେଶ୍ୱର ଥାନା ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଛି । ଜରୁରିକାଳୀନ ସହାୟତା ନିମନ୍ତେ ଡଙ୍ଗା ସହ ପ୍ରସ୍ତୁତ ରହିବାକୁ କଳାପଥର ଅଗ୍ନିଶମ ସେବା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ନିରବଚ୍ଛିନ୍ନ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବାଙ୍କୀ ବ୍ଲକ୍ ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଓ ବୈଦେଶ୍ୱର ସରପଞ୍ଚ ଦୁଇଟି ପାଣି ଟ୍ୟାଙ୍କର୍‌ର ବ୍ୟବସ୍ଥା କରିବାକୁ ସ୍ଥିର କରାଯାଇଛି । ଯାତ୍ରୀଙ୍କ ପ୍ରାଥମିକ ଚିକିତ୍ସା ପାଇଁ ବୈଦେଶ୍ୱର ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଓ ବାଙ୍କୀ ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବା ସହିତ ଏଠାରେ ଗୋଟିଏ ଆମ୍ବୁଲାନ୍ସ ମହଜୁଦ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବୈଠକରେ ବାଙ୍କୀ ଉପଖଣ୍ଡର ବିଭିନ୍ନ ଅଧିକାରୀ, ବୈଦେଶ୍ୱର ସରପଞ୍ଚ, ବୈଦେଶ୍ୱର କୈବର୍ତ୍ତ ସମାଜ, ଶ୍ରୀଶ୍ରୀ ଗୋପୀନାଥପୁର ୟୁଥ୍ କ୍ଲବ୍, ବୈଦ୍ୟନାଥ କ୍ଲବ୍, ଅନନ୍ତ ବିଜୟ ସ୍ୱେଚ୍ଛାସେବୀ ସଂଘ, ଓ ଦିଶା କ୍ଲବ୍‌ର ସଭାପତିମାନଙ୍କ ସମେତ ବହୁ ବ୍ୟକ୍ତି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

**IN THE COURT OF THE CIVIL JUDGE (SR. DIVN), MALKANGIRI**

**Civil Suit No. 13 of 2016**

**Suchitra Bairagi@Siali** aged about 36 years, W/o- Late Paresh Siali & D/o- Late Bhagirathi Bairagi of Vill- M.V.-7, Post- Tamasa, P.S/Dist.- Malkangiri ... **Plaintiff**

**-Vrs-**

**1. Sefali Bairagi**
**2. Nanigopal Bairagi**
**3. Susama Bairagi** ... **Defendants**

**NOTICE**

(U/O -5 Rule-20 Of C.P.C)

To.

**Susama Bairagi** aged about 32 years, D/o- Bhagirathi Bairagi, Vill- M.V-7, Post- Tamasa, P.S./Dist.- Malkangiri.

**WHEREAS** the above named **Plaintiff** has filed a petition in the aforesaid suit for appointment of Amin Commissioner as per the preliminary decree dated **04.07.2016** and prayed to pass the final decree in the suit against the defendants. You have not yet appeared in the suit, so you are here by summoned to appear in this Court in person or by a Pleader on the **29th day of January 2018 at 10.30 A.M.** to file your objection if any, in default the petition will be heard in your absence.

Given under my hand and the seal of the Court, this **9th day of January, 2018.**

**Sd/- Civil Judge (Senior Division)**
**Malkangiri**